# ସରୋଜ ମିଶ୍ର

ଜନ୍ମ: (୧୯୫୧-....) ମସିହା

ଶ୍ରୀ ସରୋଜ ମିଶ୍ର ମେକାନିକାଲ୍ ଇଂଜିନିୟର ଭାବେ ସରକାରୀ ଚାକିରୀରୁ ଅବସର ଗ୍ରହଣ କରିଛନ୍ତି । ତାଙ୍କ ଲିଖିତ ପୁସ୍ତକଗୁଡ଼ିକ-

ଡେ ଅଫ୍ ରିକୋନିଂ, କାଶଲ୍ ଅଫ୍ ଡ୍ରିମସ୍, ଇଟରନାଲ୍ ଥର୍ଷ୍ଟ

**ଡେ ଅଫ୍ ରିକୋନିଂ**- ପୃଷ୍ଠା-୨୨୩, ପ୍ରକାଶକାଳ- ୨୦୦୮, ମୂଲ୍ୟ: ଟ.୧୮୦/-

ଜୀବନ ଏକ ଅସରନ୍ତି ଯାତ୍ରାର ସମାରୋହ । ପ୍ରତିଟି ଯାତ୍ରା ଆଣିଦିଏ ଏକ ନୂଆ ଅନୁଭବ, ନୂଆ ଅନୁଭୂତି । ଅନୁଭବ ଶିଖାଏ, ଅନୁଭତି ବି ଶିଖାଏ । ଏହି ଶିକ୍ଷା ଏପରି ପରିବ୍ୟାପ୍ତ ଯେ ନା ଏହା ଆହରଣ କରିହୁଏ କୌଣସି ଗୁରୁଙ୍କ ଠାରୁ ନା କୋଉ ପଥି, ଗ୍ରନ୍ଥ ବା ଇତିହାସରୁ । ନିଜକୁ ନିଜେ ହିଁ ଶିଖାଇବାକୁ ପଡ଼େ । ଏହା ହିଁ ତ ଜୀବନ । ହେଲେ ଜୀବନ ବି ପରିଚାଳିତ ହୋଇଥାଏ ଗୋଟିଏ ଅଦୃଶ୍ୟ ଶକ୍ତି ବା ସତ୍ତାର ନିର୍ଦ୍ଦେଶରେ । ତାହା ଆଉ କିଛି ନୁହେଁ ତାହା ହେଉଛି ଭାଗ୍ୟ ବା ନିୟତି । ସବୁର ପରିସମାପ୍ତି ପରେ ଜୀବନ ଆମକୁ ଏହା ଶିକ୍ଷା ଦିଏ ଯେ ନିୟତିର ନିୟନ୍ତ୍ରଣରେ ଆମେ । ଏହିଭଳି ମହାନ୍ ଅଥଚ ସୂକ୍ଷ୍ମ ଚିନ୍ତାଧାରା ଉପରେ ପର୍ଯ୍ୟବେଶିତ ହୋଇଛି ଇଂରାଜୀ ଉପନ୍ୟାସ Day of Reckoning । ଉପନ୍ୟାସର ଥିମ୍ ମନକୁ ଛୁଇଁବାଭଳି । ଏହି ପୁସ୍ତକ ଜରିଆରେ ଔପନ୍ୟାସିକ ଓଡ଼ିଆ ଭାଷା, ସାହିତ୍ୟ ଓ ଚିନ୍ତାଧାରାକୁ ବିଶ୍ୱ ଦରବାରରେ ଉପସ୍ଥାପିତ କରାଇବାର ଏକ ମଧୁର ପ୍ରୟାସ କରିଛନ୍ତି ।

**କାଶଲ୍ ଅଫ୍ ଡ୍ରିମସ୍,** ପୃଷ୍ଠା-୧୦୪, ପ୍ରକାଶକାଳ- ୨୦୦୮, ମୂଲ୍ୟ: ଟ.୧୦୦/-

ଯଶ, ଅର୍ଥ, କ୍ଷମତା ପାଇଁ ମଣିଷର ଲିପ୍‌ସା କ୍ରମଶଃ ବଢ଼ିଚାଲିଛି । ଅଧିକରୁ ଅଧିକ ଯଶଲିପ୍‌ସା ମଣିଷକୁ ଏକପ୍ରକାର ଦାସ କରିଦେଉଛି । ଉପନ୍ୟାସରେ ପ୍ରତିଷ୍ଠିତ ହେବାପାଇଁ ଜଣେ ଯୁବକର ଅଦମନୀୟ ମାନବୀୟ ସମ୍ପର୍କ, ବିଶେଷ କରି ସ୍ୱାମୀ-ସ୍ତ୍ରୀର ସମ୍ପର୍କ, ବସ୍ତୁବାଦୀ ସଭ୍ୟତାରେ ଦେଖାଦେଇଥିବା ଦ୍ୱନ୍ଦ, ସଂଘର୍ଷର ରୂପାୟନ ଦିଗରେ ଔପନ୍ୟାସିକ ଯତ୍ନଶୀଳ ହୋଇଛନ୍ତି । ଶିଳ୍ପ ସଭ୍ୟତାର ଅଭ୍ୟୁଦୟରେ ରାଜନୀତି, ସାମାଜିକ ଚଳଣି, ସମ୍ପର୍କରେ ବଦଳି ଯାଇଥିବା ଚିତ୍ର ଏଥିରେ ପ୍ରତିବିମ୍ବିତ ।

**ଇଟରନାଲ୍ ଥର୍ଷ୍ଟ** , ପୃଷ୍ଠା-୯୬, ପ୍ରକାଶକାଳ-୨୦୦୭, ମୂଲ୍ୟ-ଟ.୧୦୦/-

ଶ୍ରୀ ସରୋଜ ମିଶ୍ରଙ୍କର ଇଂରାଜୀ ଭାଷାରେ ଲିଖିତ ପ୍ରଥମ ଗଳ୍ପ ସଂକଳନ ।